ସାଧ୍ୱୀ ଋତୁମ୍ଭରା

ବନାମ

ଦିଗବିଜୟ ସିଂ ଏବଂ ଅନ୍ୟଜଣେ

ଫେବୃଆରୀ 17, 1997

[କେ. ରାମସ୍ୱାମୀ ଏବଂ ଜି. ଟି. ନାନାବତୀ ନ୍ୟାୟାଧୀଶଦ୍ୱୟ]

*ନ୍ୟାୟାଳୟର ଅବମାନନା :*

*ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ - ରାୟର ବିଷୟବସ୍ତୁକୁ ବିରୂପଣ କରୁଥିବା ପ୍ରେସ ବିଜ୍ଞପ୍ତି-ପ୍ରକାଶନ - ବିଭ୍ରାନ୍ତିକର - ବିରୂପିତ ବିବୃତ୍ତି ଜାରି କରୁଥିବା ଅଧିକାରୀଙ୍କ ବିରୁଦ୍ଧରେ ଆରମ୍ଭ ହୋଇଥିବା ଅବମାନନା କାର୍ଯ୍ୟାନୁଷ୍ଠାନ - ଅବମାନନାକର୍ତ୍ତାଙ୍କ ଦ୍ୱାରା ନିଃସର୍ତ୍ତ କ୍ଷମା ପ୍ରାର୍ଥନା - ନିର୍ଣ୍ଣୟ ହେଲା ଯେ, ଏହି ନ୍ୟାୟାଳୟଙ୍କ ରାୟର ବିରୂପିତ ବିବୃତି ଜାରି କରୁଥିବା ଅଧିକାରୀ ଆଦେଶର ବିଷୟବସ୍ତୁକୁ ଭୁଲ୍ ବିବୃତ୍ତି ଦେଇ ଜନସାଧାରଣଙ୍କୁ ଉଦ୍ଦେଶ୍ୟମୂଳକ ଭାବରେ ବିଭ୍ରାନ୍ତିକର କାର୍ଯ୍ୟ କରିଛନ୍ତି ଏବଂ ଏହା ଦ୍ୱାରା ଏହି ନ୍ୟାୟାଳୟର ଅବମାନନା କରିଛନ୍ତି - ଅଧିକାରୀଙ୍କ କର୍ତ୍ତବ୍ୟ ହେଉଛି ଯେ ସେମାନଙ୍କ ବିଭାଗ ସଠିକ୍ ଭାବରେ କାର୍ଯ୍ୟ କରୁଛି କି ନାହିଁ, ବିଶେଷକରି ଯେତେବେଳେ ଏହା ନ୍ୟାୟାଳୟଙ୍କ ଆଦେଶର ବିଷୟବସ୍ତୁର ସାର୍ବଜନୀନ ସୂଚନା ଜାରି କରିବା ସହିତ ଜଡିତ - ତଥାପି, ଅବମାନନାକର୍ତ୍ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ନିଃସର୍ତ୍ତ କ୍ଷମା ପ୍ରାର୍ଥନା ଗ୍ରହଣ କରାଯାଏ ଏବଂ ପ୍ରସଙ୍ଗଟି ସମାପ୍ତ ହୋଇଯାଏ ।*

ଫୌଜଦାରୀ ମୂଳ ଅଧିକରିତା : ଫୌଜଦାରୀ ଆବେଦନ ସଂଖ୍ୟା 1085-86/1995ରେ ଅବମାନନା ଆବେଦନ (Crl.) ସଂଖ୍ୟା 1/1997 ।

ଡବ୍ଲ୍ୟୁ. ପି. ସଂଖ୍ୟା 596 ଏବଂ 671/1995ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟର 27.4.95 ଏବଂ 5.5.95 ତାରିଖର ରାୟ ଏବଂ ଆଦେଶରୁ ଏହି ଆବେଦନ ।

ଆବେଦନକାରୀ/ଆବେଦକଙ୍କ ପାଇଁ ସୁଶୀଲ କୁମାର ଜୈନ, ଏମ.ଏମ. ଆସୁଦାନୀ, ନରେଶ ମାହେଶ୍ୱରୀ, ଉମେଶ ମାହେଶ୍ୱରୀ, ଏ.ପି. ଧାମିଜା, ପ୍ରଦୀପ ଅଗ୍ରୱାଲ ।

ଉତ୍ତରଦାତାଙ୍କ ପାଇଁ ପି. ପି. ରାଓ ଏବଂ ଉମା ନାଥ ସିଂ ।

ସାଧ୍ୱୀ ଋତୁମ୍ଭରା ବନାମ ଦିଗବିଜୟ ସିଂ

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

13 ଜାନୁଆରୀ, 1997ରେ ଏହି ନ୍ୟାୟାଳୟ ଦ୍ୱାରା ପାରିତ ଆଦେଶ ଅନୁଯାୟୀ, ତତ୍କାଳୀନ ଜନସମ୍ପର୍କ ଏବଂ ସୂଚନା ନିର୍ଦ୍ଦେଶକ ଏମ୍. ଗୋପାଳ ରେଡ୍ଡୀ, ଆଇ.ଏ.ଏସ୍ ଏବଂ ତତ୍କାଳୀନ ସହକାରୀ ଜନସମ୍ପର୍କ ଏବଂ ସୂଚନା ନିର୍ଦ୍ଦେଶକ ମଙ୍ଗଳ ପ୍ରସାଦ ମିଶ୍ର ବ୍ୟକ୍ତିଗତ ଭାବରେ ଉପସ୍ଥିତ ହୋଇଥିଲେ । ସେମାନେ ସେମାନଙ୍କର ଶପଥପତ୍ର ଦାଖଲ କରିଛନ୍ତି। ଏହି ନ୍ୟାୟାଳୟ 9 ସେପ୍ଟେମ୍ବର 1995 ତାରିଖର ଆଦେଶ ଅନୁଯାୟୀ ରାଜ୍ୟ ପକ୍ଷରୁ ଉପସ୍ଥିତ ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ପି.ପି. ରାଓ ଏବଂ ଆବେଦନକାରୀଙ୍କ ପକ୍ଷରୁ ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ଡି.ଡି. ଠାକୁରଙ୍କ ସମ୍ମତି ଆଧାରରେ ମଧ୍ୟପ୍ରଦେଶ ରାଜ୍ୟ ଦ୍ୱାରା ଦାୟର କରାଯାଇଥିବା ଆପତ୍ତିର ସମାଧାନ କରିଥିଲେ । ଏହି ନ୍ୟାୟାଳୟ ଦର୍ଶାଇଥିଲେ ଯେ ଉଭୟ ପକ୍ଷର ଅଧିବକ୍ତାଙ୍କ ଦ୍ୱାରା ନିଆଯାଇଥିବା ସମ୍ପୃକ୍ତ ଦୃଷ୍ଟିକୋଣକୁ ଦୃଷ୍ଟିରେ ରଖି, ଅଧସ୍ତନ ନ୍ୟାୟାଳୟଗୁଡ଼ିକୁ ଆକ୍ଷେପିତ ରାୟରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା କୌଣସି ସିଦ୍ଧାନ୍ତ ଏବଂ ପର୍ଯ୍ୟବେକ୍ଷଣ ଦ୍ୱାରା ପ୍ରଭାବିତ ନ ହୋଇ, ପକ୍ଷମାନଙ୍କ ମଧ୍ୟରେ ସମସ୍ତ ବିଚାରାଧୀନ କିମ୍ବା ସଂଲଗ୍ନ ପ୍ରସଙ୍ଗଗୁଡ଼ିକର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ତେଣୁ ଆବେଦନଟିର ସମାଧାନ କରାଯାଇଥିଲା ।ଏହି ନ୍ୟାୟାଳୟ ଦ୍ୱାରା ପାରିତ ଆଦେଶ ପ୍ରାପ୍ତ ହେବା ପରେ, 9 ସେପ୍ଟେମ୍ବର 1995ରେ, ଭୋପାଳରେ ମଧ୍ୟପ୍ରଦେଶ ସରକାରଙ୍କର ଜନସମ୍ପର୍କ ଏବଂ ସୂଚନା ନିର୍ଦ୍ଦେଶାଳୟର ତତ୍କାଳୀନ ସହାୟକ ନିର୍ଦ୍ଦେଶକ ଏମ.ପି. ମିଶ୍ର ଏକ ଖବର ପ୍ରକାଶ କରିଥିଲେ ଯେଉଁଥିରେ ଜନସାଧାରଣଙ୍କୁ ଜଣାଇ ଖବର ପ୍ରକାଶ କରିଥିଲେ ଯେ ଉଚ୍ଚ ନ୍ୟାୟାଳୟର ଆଦେଶକୁ ଏହି ନ୍ୟାୟାଳୟ ଦ୍ୱାରା ପ୍ରତ୍ୟାଖ୍ୟାନ କରିଛନ୍ତି । ଏହାଦ୍ୱାରା, ଏଠାରେ ଆବେଦନକାରୀଙ୍କ ଅବରୋଧକୁ ବଳବତ୍ତର ରଖାଯାଇଥିଲା ଏବଂ ସରକାରଙ୍କ ଆଭିମୁଖ୍ୟ ମଧ୍ୟ ଦୃଢ଼ ହୋଇଥିଲା । ଫଳସ୍ୱରୂପ, ରାଜ୍ୟକୁ ଅଧସ୍ତନ ନ୍ୟାୟାଳୟରେ ଏହି ପ୍ରସଙ୍ଗ ସହିତ ଅଗ୍ରସର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଉପରୋକ୍ତ ବିବୃତ୍ତି ଏହି ନ୍ୟାୟାଳୟ ଦ୍ୱାରା ପାରିତ ଆଦେଶର ଏକ ସ୍ପଷ୍ଟ ବିରୂପଣ । ଏହାଦ୍ୱାରା, ଉତ୍ତରଦାତାମାନେ ରାୟର ଉଦ୍ଦେଶ୍ୟମୂଳକ ବିରୂପଣ କରିଛନ୍ତି ଯାହା ଏହି ନ୍ୟାୟାଳୟର  ଅବମାନନା ସହିତ ସମାନ ଅଟେ ।

ତତ୍କାଳୀନ ନିର୍ଦ୍ଦେଶକ ଏମ୍. ଗୋପାଳ ରେଡ୍ଡୀ ଦର୍ଶାଇଛନ୍ତି ଯେ ପ୍ରେସ୍ ବିଜ୍ଞପ୍ତି ଏମ୍.ପି. ମିଶ୍ରଙ୍କ ଦ୍ୱାରା ପ୍ରସ୍ତୁତ ଏବଂ ଜାରି କରାଯାଇଥିଲା, ଯିଏ ଆଇନଗତ ପରିଭାଷା ସହିତ ପରିଚିତ ନଥିଲେ ଏବଂ ସେଥିପାଇଁ, ସେ ଏହି ନ୍ୟାୟାଳୟ ଦ୍ୱାରା ପାରିତ ଆଦେଶର ସଠିକ୍ ପ୍ରଭାବ ନ ଜାଣି ଏକ ଖବର ଭାବରେ ପ୍ରକାଶ କରିବାର ସେହି କାର୍ଯ୍ୟ କରିଥିଲେ । ଏମ୍.ପି. ମିଶ୍ର ଦର୍ଶାଇଛନ୍ତି ଯେ

"ମୁଁ 1980 ମସିହାରେ ଦୈନିକ ମଜୁରିଆ ଭାବରେ ବିଭାଗରେ ଯୋଗ ଦେଇଥିଲି ଏବଂ ପ୍ରାୟ 6 ମାସ ପରେ, ମୋତେ ଏଲ୍.ଡି.ସି. ଭାବରେ ନିଯୁକ୍ତି ଦିଆଯାଇଥିଲା । ପରେ, ମୋତେ ସଂବୀକ୍ଷକ ଏବଂ ସହକାରୀ ଲୋକସମ୍ପର୍କ ଅଧିକାରୀ ଭାବରେ ନିଯୁକ୍ତି ଦିଆଯାଇଥିଲା । ମୋତେ 1990 ମସିହାରେ ସହକାରୀ ନିର୍ଦ୍ଦେଶକ (ବିଜ୍ଞାପନ) ଭାବରେ ପଦୋନ୍ନତି ମିଳିଥିଲା ଏବଂ 1991 ମସିହାରେ ମୋତେ ସମ୍ବାଦ ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା । ମୋର ଆଇନରେ କୌଣସି ଯୋଗ୍ୟତା ନାହିଁ । ମୁଁ ଦାଖଲ କରୁଛି ଯେ ସରକାରଙ୍କ ଅଧୀନରେ କାମ କରୁଥିବା ଜଣେ ବ୍ୟକ୍ତି ଭାବରେ, ମୁଁ ଆଇନଗତ ପରିଭାଷା ସହିତ ପରିଚିତ ନୁହେଁ । ଏହି ମାନ୍ୟବର ନ୍ୟାୟାଳୟଙ୍କ ଦ୍ୱାରା ପାରିତ ରାୟ/ଆଦେଶକୁ ସମ୍ବଳିତ କରି ଏକ ପ୍ରେସ୍ ବିଜ୍ଞପ୍ତି ପ୍ରସ୍ତୁତ କରିବାର ସୁଯୋଗ ମୋତେ କେବେ ମିଳି ନଥିଲା ।" ଏହା ଦ୍ୱାରା, ସେ ସ୍ୱୀକାର କରନ୍ତି ଯେ "ମୁଁ 8.9.1995 ତାରିଖର ଆଦେଶକୁ ସଠିକ୍ ଭାବରେ ନ ବୁଝି ଭୁଲ କରିପାରେ । ମୁଁ "ମଞ୍ଜୁର ହୋଇଥିବା ଅନୁମତି ପ୍ରଦାନ କରାଗଲା" ଶବ୍ଦକୁ ରାଜ୍ୟ ସରକାରଙ୍କ ମାମଲାକୁ ଯୋଗ୍ୟତା ଅନୁଯାୟୀ ଗ୍ରହଣ କରିବା ଭାବରେ ଭୁଲ ବୁଝିଥିଲି ।"ମୁଁ ଅବଧାରଣା କରୁଥିଲି ଯେ ଉଚ୍ଚ ନ୍ୟାୟାଳୟଙ୍କ ସିଦ୍ଧାନ୍ତ ଏବଂ ପର୍ଯ୍ୟବେକ୍ଷଣ ଦ୍ୱାରା ପ୍ରଭାବିତ ନ ହୋଇ ବିଚାର କରୁଥିବା ନ୍ୟାୟାଳୟରେ କାର୍ଯ୍ୟାନୁଷ୍ଠାନ ଜାରି ରଖିବାକୁ ଅନୁମତି ଦେଇ ସରକାରଙ୍କ ଆବେଦନଗୁଡ଼ିକୁ ଗ୍ରହଣ କରାଯାଇଥିଲା । "ତେଣୁ, ସେ ସ୍ୱୀକାର କରିଛନ୍ତି ଯେ ସେ ଆଇନଗତ ପରିଭାଷାକୁ ବୁଝିପାରିବେ ନାହିଁ ଏବଂ ଏହାର ସମ୍ଭାବ୍ୟ ପରିଣତି କିମ୍ବା ପ୍ରଭାବର ଆଦେଶକୁ ବୁଝିବାର କ୍ଷମତା ତାଙ୍କର ନାହିଁ କାରଣ ସେ ଆଇନଗତ ଶବ୍ଦାବଳୀ ସହିତ ପରିଚିତ ନଥିଲେ ଏବଂ ପୂର୍ବରୁ ନ୍ୟାୟାଳୟର ରାୟ ଏବଂ ଆଦେଶକୁ ନେଇ ପ୍ରେସ୍ ବିଜ୍ଞପ୍ତି ପ୍ରସ୍ତୁତ କରିବାର କୌଣସି ସୁଯୋଗ ତାଙ୍କ ପାଖରେ ନଥିଲା । ତାଙ୍କ ପାଇଁ ଉପସ୍ଥିତ ଥିବା ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ପି.ପି. ରାଓ ବାରମ୍ବାର ଦର୍ଶାଇଥିଲେ ଯେ ଆଦେଶ ପାଇବା ମାତ୍ରେ ସେ ଏହାକୁ ପ୍ରକାଶ କରିଥିଲେ । ଯେହେତୁ ସେ ସ୍ୱୀକାର କରିଛନ୍ତି ଯେ ସେ ନ୍ୟାୟାଳୟଙ୍କ ଆଦେଶ ବୁଝିବାରେ ଅସମର୍ଥ, ବିରୂପ ବିବୃତ୍ତି ଜାରି କରିବା ପୂର୍ବରୁ ଆଇନ ବିଭାଗ କିମ୍ବା ନିର୍ଦ୍ଦେଶକଙ୍କ ସହିତ ପରାମର୍ଶ କରିବା କ'ଣ ତାଙ୍କର କର୍ତ୍ତବ୍ୟ ନୁହେଁ ?"

ତେଣୁ, ଏହା ଦେଖାଯିବ ଯେ ନ୍ୟାୟାଳୟର ରାୟ କିମ୍ବା ଆଦେଶର ପ୍ରେସ୍ ବିଜ୍ଞପ୍ତି ପ୍ରକାଶନରେ ତାଙ୍କର ଜ୍ଞାନ କିମ୍ବା ଅଭିଜ୍ଞତାର ଅଭାବ ରହିଛି । ଏହା ମଧ୍ୟ ଦର୍ଶାଏ ଯେ ସେ ରାୟର ବିରୂପ ସଂସ୍କରଣ ପ୍ରକାଶ କରିବା ପୂର୍ବରୁ ଅଭିଜ୍ଞତା ଥିବା କିମ୍ବା ଆଇନ ବିଭାଗରୁ ମାର୍ଗଦର୍ଶନ ଲୋଡିଥିବା ବ୍ୟକ୍ତିମାନଙ୍କଠାରୁ ଆବଶ୍ୟକୀୟ ନିର୍ଦ୍ଦେଶ ନେବାକୁ ମଧ୍ୟ ଧ୍ୟାନ ଦେଇନଥିଲେ । ତେଣୁ, ଏହା ସ୍ୱୀକାର କରାଯାଏ ଯେ ସହକାରୀ ନିର୍ଦ୍ଦେଶକ ଯାହା କରିଛନ୍ତି ତାହା ହେଉଛି ରାୟର

ବିଷୟବସ୍ତୁକୁ ବିରୂପ କରି ଜନସାଧାରଣଙ୍କୁ ଜଣାଇବା ପାଇଁ ଯେ ଆବେଦନକାରୀଙ୍କ ଅଟକ ଆଦେଶକୁ ଏହି ନ୍ୟାୟାଳୟ ଦ୍ୱାରା ବଜାୟ କରାଯାଇଥିଲା କାରଣ ଏହି ନ୍ୟାୟାଳୟ ସେହି ପ୍ରଶ୍ନକୁ ଯାଇ ନଥିଲେ ଏବଂ ଏହି ନ୍ୟାୟାଳୟ ସମେତ ଉଚ୍ଚ ନ୍ୟାୟାଳୟ ଦ୍ୱାରା କରାଯାଇଥିବା କୌଣସି ସିଦ୍ଧାନ୍ତ ଏବଂ ପର୍ଯ୍ୟବେକ୍ଷଣ ଦ୍ୱାରା ପ୍ରଭାବିତ ନ ହୋଇ ବିବାଦର ନିଷ୍ପତ୍ତି ନେବାକୁ ଅଧସ୍ତନ ନ୍ୟାୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ । ତେଣୁ, ଏମ୍.ପି. ମିଶ୍ର ସ୍ୱେଚ୍ଛାକୃତ ଭାବରେ ଆଦେଶର ବିଷୟବସ୍ତୁକୁ ଭୁଲ୍ ଭାବରେ ବର୍ଣ୍ଣନା କରି ଜନସାଧାରଣଙ୍କୁ ବିଭ୍ରାନ୍ତପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ କରିଛନ୍ତି ଏବଂ ଏହା ଦ୍ୱାରା, ଏହି ନ୍ୟାୟାଳୟର ଅବମାନନା କରିଛନ୍ତି । ଆମେ ଭାବୁନାହୁଁ ଯେ ସେ ଏହି ନ୍ୟାୟାଳୟର ଆଦେଶକୁ କ୍ଷୁର୍ଣ୍ଣ କରିବା ପାଇଁ ସ୍ୱେଚ୍ଛାକୃତ ଭାବରେ ଏପରି କରିଛନ୍ତି । ଆମେ ତାଙ୍କର ନିଃସର୍ତ୍ତ କ୍ଷମା ପ୍ରାର୍ଥନାକୁ ସ୍ୱୀକାର କରୁଛୁ ଏବଂ ତାଙ୍କ ବିରୁଦ୍ଧରେ ଏହି ପ୍ରସଙ୍ଗକୁ ସମାପ୍ତ କରୁଛୁ । ସମାନତାପୂର୍ବକ, ଏମ୍. ଗୋପାଳ ରେଡ୍ଡୀ, ନିର୍ଦ୍ଦେଶକ ଭାବରେ, ନିର୍ଦ୍ଦେଶାଳୟକୁ ସଠିକ୍ ଭାବରେ କାର୍ଯ୍ୟାନୁଷ୍ଠାନର ଦୃଷ୍ଟି ଦେବା ତାଙ୍କର କର୍ତ୍ତବ୍ୟ, ବିଶେଷକରି ଯେତେବେଳେ ଏହା ଏହି ନ୍ୟାୟାଳୟଙ୍କ ଆଦେଶର ବିଷୟବସ୍ତୁର ସାର୍ବଜନୀନ ସୂଚନା ଜାରି କରିବା ସହିତ ଜଡିତ; ଦୁର୍ଭାଗ୍ୟବଶତଃ, ସେ ଏହା କରିନାହାଁନ୍ତି । ରେକର୍ଡରୁ ଏହା ସ୍ପଷ୍ଟ ନୁହେଁ ଯେ ପ୍ରକାଶନ ପୂର୍ବରୁ ଏହା ତାଙ୍କ ଦୃଷ୍ଟିକୁ ଅଣାଯାଇଥିଲା ନା ତାଙ୍କ ନିର୍ଦ୍ଦେଶାଳୟ ପକ୍ଷରୁ ତାଙ୍କୁ ଅନୁସରଣ କରିବା ପାଇଁ, ତାଙ୍କ ଅଜ୍ଞାତରେ ପ୍ରସଙ୍ଗଗୁଡ଼ିକ ଘଟିଯାଉଛି । ତଥାପି ନିର୍ଦ୍ଦେଶକ ଭାବରେ ନିର୍ଦ୍ଦେଶକ ନିଜେ ଶେଷରେ ନିର୍ଦ୍ଦେଶାଳୟ ଦ୍ୱାରା କରାଯାଇଥିବା କାର୍ଯ୍ୟାନୁଷ୍ଠାନ ପାଇଁ ଦାୟୀ । ଏଭଳି ପରିସ୍ଥିତିରେ, ଆମେ ତାଙ୍କର ନିଃସର୍ତ୍ତ କ୍ଷମା ପ୍ରାର୍ଥନାକୁ ଗ୍ରହଣ କରୁଛୁ ଏବଂ ପ୍ରସଙ୍ଗକୁ ସମାପ୍ତ କରୁଛୁ ।

ତଦାନୁଯାୟୀ ଅବମାନନା ଆବେଦନକୁ ଆଦେଶ ଦିଆଯାଉଛି ।

ଆର୍. ପି. ଆବେଦନକୁ ଆଦେଶ ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

ରାମଚନ୍ଦ୍ର ସାହୁ

ଅନୁବାଦକ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।